CAREERINDIA

**SET – 4**

**Series : SGN/C**

**Code No. 13**

**Roll No.** | | | | | | | |

Candidates must write the Code on the title page of the answer-book.

- ପ୍ରଶ୍ନପତ୍ରଟି **4** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **10**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢ଼ିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **4** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **10** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

www.careerindia.com

# ଓଡ଼ିଆ

# ODIA

*ସମୟ : **3** ଘଣ୍ଟା*
*Time allowed : **3** hours*

*ପୂର୍ଣ୍ଣ ସଂଖ୍ୟା : **100***
*Maximum Marks : **100***

**ସୂଚନା :** ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10 marks

(ଖ) ଲିଖନ – Writing – 20 marks

(ଗ) ବ୍ୟାକରଣ – Grammar – 20 marks

(ଘ) ସାହିତ୍ୟ – Literature – 50 marks

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

CAREERINDIA

## 'କ' ବିଭାଗ

**(Section – A, 10 Marks)**

1. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । **5 × 2 = 10**

ବିଶାଳ ଲିଙ୍ଗରାଜ ମନ୍ଦିର ଓଡ଼ିଆ ଶିଳ୍ପୀର ଅସାଧାରଣ କାରୁକଳାର ନିଦର୍ଶନ । ମନ୍ଦିରଟି ପଞ୍ଚରଥାକୃତି ଓ ଏହାର ଉଚ୍ଚତା 147 ଫୁଟ । ମନ୍ଦିରର ମୂଳଅଂଶ ଚିତ୍ତାକର୍ଷକ କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ଦେବତା କୃତ୍ତିବାସଙ୍କ ନାମାନୁସାରେ ଭୁବନେଶ୍ୱରକୁ କୃତ୍ତିବାସ କ୍ଷେତ୍ର କୁହାଯାଏ । ଗଂଗବଂଶର ପ୍ରଥମ ରାଜା ଚୋଡଗଂଗ ଦେବଙ୍କଠାରୁ ଆରମ୍ଭ କରି ବିଭିନ୍ନ ଗଂଗବଂଶୀ ରାଜାମାନଙ୍କ ଦ୍ୱାରା କୃତ୍ତିବାସ ଲିଂଗରାଜଙ୍କ ସେବା-ପୂଜା ଉଦ୍ଦେଶ୍ୟରେ ବହୁ ଜମିବାଡ଼ି ଖଂଜାଯାଇଛି । ମନ୍ଦିର ଗାତ୍ରରେ ଖୋଦିତ କାରୁକାର୍ଯ୍ୟ ଓଡ଼ିଶାର ଧର୍ମ, ସାହିତ୍ୟ, ନୃତ୍ୟ, ନାଟ୍ୟ ଓ ଜୀବନ ଯାତ୍ରାର ପରିଚୟ ଦିଏ । ମନ୍ଦିରର ପାର୍ଶ୍ୱଦେବତା ଗଣେଶ, କାର୍ତ୍ତିକେୟ ଏବଂ ପାର୍ବତୀଙ୍କ ମୂର୍ତ୍ତିର ନିର୍ମାଣ କଳା ଅତ୍ୟନ୍ତ ରମଣୀୟ ।

**ପ୍ରଶ୍ନାବଳୀ :**

(କ) ଲିଂଗରାଜ ମନ୍ଦିରର ଗଠନ ଶୈଳୀ କିପରି ଓ ଏହାର ଉଚ୍ଚତା କେତେ ?

(ଖ) ଭୁବନେଶ୍ୱରକୁ କାହିଁକି କୃତ୍ତିବାସ କ୍ଷେତ୍ର କୁହାଯାଏ ?

(ଗ) କେଉଁ ରାଜାମାନେ ମନ୍ଦିରର ସେବାପୂଜା ଲାଗି କି ବ୍ୟବସ୍ଥା କରିଥିଲେ ?

(ଘ) ମନ୍ଦିରର କାରୁକାର୍ଯ୍ୟ ଓଡ଼ିଶା ସଂସ୍କୃତିର କେଉଁ କେଉଁ ଦିଗକୁ ଆଲୋକିତ କରେ ?

(ଙ) କେଉଁ ଦେବ ଦେବୀ ମନ୍ଦିରର ପାର୍ଶ୍ୱ ଦେବତା ଭାବେ ଶୋଭିତ ?

## 'ଖ' ବିଭାଗ

**(Section – B, 20 Marks)**

2. **ଗୋଟିଏ** ବିଷୟରେ ପ୍ରବଂଧ ଲେଖ : (ଶବ୍ଦସଂଖ୍ୟା **250** ରୁ **300**) **1 × 12 = 12**

(କ) ବ୍ୟାପକ ଦୁର୍ନୀତି ଜାତୀୟ ବିକାଶର ବାଧକ

(ଖ) ଜୀବନରେ ସମୟାନୁବର୍ତ୍ତିତାର ଗୁରୁତ୍ୱ

(ଗ) ସ୍ୱଚ୍ଛ ଭାରତ ଅଭିଯାନ

3. ତୁମ ଅଞ୍ଚଳର ପାନୀୟ ଜଳଅଭାବ ଦୂରୀକରଣ ଲାଗି ଜିଲ୍ଲାପାଳଙ୍କୁ ନିବେଦନ କର । **1 × 8 = 8**

**କିମ୍ବା**

ଗାଁ ସ୍କୁଲରେ ଶିକ୍ଷକ ଅଭାବରୁ ପାଠପଢ଼ା ହୋଇପାରୁ ନଥିବାରୁ ବିହିତ ବ୍ୟବସ୍ଥା କରିବାକୁ ଜିଲ୍ଲା ଶିକ୍ଷାବିଭାଗ ଅଧିକାରୀଙ୍କୁ ପତ୍ର ଲେଖ ।

www.careerindia.com

CAREERINDIA

## 'ଗ' ବିଭାଗ

**(Section – C, 20 Marks)**

4. (କ) ବିପରୀତାର୍ଥକ ବୋଧକ ଶବ୍ଦ ଲେଖ । (5 **ଟିର**) **5 × 1 = 5**

ପ୍ରାଚୀନ, ଅପକର୍ମ, ଶ୍ରୋତା, ନିଅଣ୍ଟ, ରପ୍ତାନୀ, ସାର୍ଥକ, ସୂକ୍ଷ୍ମ

(ଖ) ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (5 **ଟିର**) **5 × 1 = 5**

ସତ୍ତ୍ୱ – ସ୍ୱତ୍ୱ, ପଟ – ପଟ୍ଟ, ପ୍ରସ୍ତ – ପ୍ରଷ୍ଠ, ସାର – ସାର, ଅବିହିତ – ଅଭିହିତ, ଗୋଲକ – ଗୋଲୋକ, ବନ୍ଧ – ବଧ

(ଗ) ଭ୍ରମ ସଂଶୋଧନ କର । (5 **ଟିର**) **5 × 1 = 5**

ସଂଯମତା, ଶୁଶ୍ରୁସା, ପୁର୍ବସୂଚୀ, କୃତିତ୍ୱ, ଅକ୍ଷୂର୍ଣ, ଅବଶାଦ, ମୁମୁର୍ଷୁ

(ଘ) ଏକ ପଦରେ ପ୍ରକାଶ କର । (5 **ଟିର**) **5 × 1 = 5**

ଶକ୍ତିକୁ ଅତିକ୍ରମ ନ କରି, ଯେ ମାଡ଼ ଖାଏ, ପରର ଉପକାର କରେ ଯେ, ଜାୟା ଓ ପତି, ପଦ୍ମ ପାଣିରେ ଯାହାର, ସମୁଦ୍ର ପର୍ଯ୍ୟନ୍ତ, ପାନ କରିବାର ଇଚ୍ଛା ।

## 'ଘ' ବିଭାଗ

**(Section – D, 50 Marks)**

5. 'ସାହିତ୍ୟ ଜାତୀୟ ଜୀବନର ଆଶା ଓ ଆକାଂକ୍ଷାର ବହିଃପ୍ରକାଶ' – ଆଲୋଚନା କର । **1 × 10 = 10**

**କିମ୍ବା**

କ୍ଷମାର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରଦର୍ଶନ କର ।

6. ସପ୍ରସଂଗ ସରଳାର୍ଥ ଲେଖ । **1 × 6 = 6**

ବାପା – ମା ଓ ଶିକ୍ଷକମାନେ ଯଦି ନିଜ ନିଜ ଭୁଲ ସ୍ୱୀକାର କରି ବେଳରୁ ହୁସିଆର ନ ହୁଅନ୍ତି, ତେବେ ସେମାନେ ମଧ୍ୟ ଏପରି ଦେବତାମାନଙ୍କ ଦଶା ଭୋଗ କରିବାର ସଂଭାବନା ରହିଛି ।

**କିମ୍ବା**

ସେହି ସଂସ୍କୃତିର ମୌଳିକତା ରକ୍ଷା କରି ନିଜକୁ ସର୍ବାଗ୍ରେ ଭାରତୀୟ ବୋଲି ପରିଚୟ ଦେଇ ଭବିଷ୍ୟତକୁ ଆଗେଇନେବା ପାଇଁ ଆମର କିଛି ଅସୁବିଧା ହେବ ନାହିଁ ।

7. ପଠିତ କବିତା ଅବଲମ୍ବନରେ ଗଂଗାଧରଙ୍କ କବିତ୍ୱର ବୈଶିଷ୍ଟ୍ୟ ଦର୍ଶାଅ । **1 × 8 = 8**

**କିମ୍ବା**

'ବିଶ୍ୱ ଜୀବନ ପଥେ' କବିତାର ନାମକରଣର ଯଥାର୍ଥତା ବିଚାର କର ।

www.careerindia.com

CAREERINDIA

୮. ସପ୍ରସଂଗ ସରଳାର୍ଥ ଲେଖ । **1 × 6 = 6**

ନେତ୍ର ଯୁଗେ ଯୁବା ପିଅନ୍ତି
  ଯେଉଁ ରୂପ ଅମୃତ
ସେ ଅମୃତେ କଲା ଯୌବନ
  ବାଳା ତନୁ ଧଉତ ।

**କିମ୍ବା**

ଏକର ବିନାଶେ    ଅନେକ ପ୍ରକାଶେ
  ସୃଷ୍ଟିର ଏ ନିତ୍ୟ ବିଧି
ଏକର ଯା କ୍ଷୟ    ଅନେକ ଉଦୟ
  ଅନେକ ଏକର ସିଦ୍ଧି ।

୯. ଯେ କୌଣସି **5ଟି** ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦିଅ । **5 × 2 = 10**

(କ) ବେଦ ବିଷୟରେ ମାକ୍ସମୁଲାର କ'ଣ କହିଥିଲେ ?

(ଖ) କେଉଁ କେଉଁ ଭୁଲ୍ କର୍ମ ନିନ୍ଦନୀୟ ?

(ଗ) ପ୍ରତ୍ୟେକ ଜାତିକୁ କିଏ ସ୍ୱତନ୍ତ୍ର କରି ରଖିଆସିଛି ?

(ଘ) କିଏ ଆମମାନଙ୍କର ଅପରାଧକୁ କ୍ଷମା କରିଥାନ୍ତି ?

(ଙ) ଶ୍ମଶାନରେ ଇତସ୍ତତଃ ହୋଇ କ'ଣ ପଡ଼ିଥାଏ ?

(ଚ) ସୀତାଙ୍କ ନିର୍ବାସନରେ ପକୃତି କିପରି ରୂପ ଧରିଥିଲା ?

(ଛ) ଚନ୍ଦ୍ରଭାଗାର ଜନ୍ମ କଥା ସଂପର୍କରେ କ'ଣ କୁହାଯାଇଛି ?

10. **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ । **2 × 5 = 10**

(କ) ପ୍ରସାଧନାବୃତ ମହିଳାଙ୍କ ପରିଚୟ ଓ ବ୍ୟକ୍ତିତ୍ୱ ସଂପର୍କରେ ରାଓଙ୍କର କି ଧାରଣା ଥିଲା ?

(ଖ) ରେଲଲାଇନ ପାଖରୁ ଜହ୍ନ ପ୍ରଥମେ କ'ଣ ପାଇଲା ଓ ତାକୁ କ'ଣ କଲା ?

(ଗ) ବେଣୁଧର ଗଛମୂଳ ପଥର ଉପରେ ବସି ଜାତି ବିଷୟରେ କ'ଣ ଚିନ୍ତା କରିଥିଲା ?

(ଘ) ସୁଦର୍ଶନ ପାଇଁ ଅନାମ କାହିଁକି ଅନୁଶୋଚନା କରୁଥିଲେ ?

www.careerindia.com